## ଜିଲ୍ଲା ଖଣିଜ ପାଣ୍ଠିର କାର୍ଯ୍ୟକାରିତାକୁ ନେଇ ସମୀକ୍ଷା କଲେ ଜିଲ୍ଲାପାଳ -

## ଲୋକମାନଙ୍କର ଆବଶ୍ୟକତାକୁ ଦେଖି ପ୍ରକଳ୍ପ ପ୍ରସ୍ତୁତ କରିବାକୁ ପରାମର୍ଶ ।

ଅନୁଗୋଳ,ତା.୧୭.୦୯.:- ଜିଲ୍ଲା ଖଣିଜ ପାଣ୍ଠିରେ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକର ଅଗ୍ରଗତିକୁ ନେଇ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଆଜି ପୂର୍ବାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଭାଗୃହ ଠାରେ ସମୀକ୍ଷା କରିଛନ୍ତି । ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଦୁନାଥ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାରେ ଶିକ୍ଷା,ସ୍ୱାସ୍ଥ୍ୟ ଓ ପାନୀୟ ଜଳ ପ୍ରକଳ୍ପ ସମେତ ଜିବିକା ନିର୍ବାହ କ୍ଷେତ୍ରରେ ଅଧିକ ପ୍ରକଳ୍ପ ପ୍ରଦାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଲୋକମାନଙ୍କର ଆୟ କିପରି ବୃଦ୍ଧି ହେବ ସେଥିପାଇଁ ବିଭିନ୍ନ ଆୟ ବୃଦ୍ଧି ଯୋଜନା ଯଥା, ବୃକ୍ଷରୋପଣ,ମୃତ୍ତିକା ସଂରକ୍ଷଣ ଓ ଉଦ୍ୟାନ ବିଭାଗର କାର୍ଯ୍ୟକ୍ରମକୁ ନେଇ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ପ୍ରକଳ୍ପ ଗ୍ରାମର ପଲ୍ଲିସଭା ଦ୍ୱାରା ସ୍ୱିକୃତି ପାଇବା ସହ ଲୋକମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରକଳ୍ପ ପ୍ରସ୍ତୁତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହାଛଡା ବଡ ବଡ ପ୍ରକଳ୍ପ ରାସ୍ତା ଓ ପୋଲ ନିର୍ମାଣ କରି ଲୋକମାନଙ୍କୁ ଯାତାୟତରେ ସୁ-ବନ୍ଦୋବସ୍ତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ପାଳଲହଡା ଓ କଣିହାଁରେ ପୋଲ ପ୍ରତିଷ୍ଠା କରିବା ସହ ଖଣି ଅଂଚଳରେ ଅଧିକ ବୃକ୍ଷରୋପଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ବିଭାଗ ଯେଉଁମାନେ ଜିଲ୍ଲା ଖଣିଜ ପାଣ୍ଠି କାର୍ଯ୍ୟକାରୀ କରୁଛନ୍ତି ସେମାନେ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ଏକ ସ୍ୱତନ୍ତ୍ର ରେଜିଷ୍ଟର ପରିଚାଳନା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଚଳିତ ମାସ ଶେଷ ଭାଗରେ ଜିଲ୍ଲା ଖଣିଜ ପାଣ୍ଠିର ବୋର୍ଡ୍ ଅଫ୍ ଟ୍ରଷ୍ଟିର ବୈଠକକୁ ଦୃଷ୍ଟିରେ ରଖି ଆସନ୍ତା ୧୫ ଦିନ ମଧ୍ୟରେ ନୂତନ ପ୍ରକଳ୍ପର ପ୍ରସ୍ତାବ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଯେଉଁ ପ୍ରକଳ୍ପ ଗୁଡିକର କାର୍ଯ୍ୟ ସମ୍ପର୍ଣ୍ଣ ହୋଇଛି ସେଗୁଡିକୁ ତୁରନ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରିବା ସହ ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳ ତାଳଚେର,ଛେଣ୍ଡିପଦା ଓ କଣିହାଁ ବ୍ଲକ୍ ସମେତ ତାଳଚେର ପୌରପାଳିକା, ପୂର୍ତ୍ତ ବିଭାଗ,ଗ୍ରାମ୍ୟ ଉନ୍ନୟନ,ଗ୍ରାମ୍ୟ ଜଳ ଓ ପରିମଳ ସଂସ୍ଥା,ଶିକ୍ଷା,ସ୍ୱାସ୍ଥ୍ୟ,ସେସ୍, ଜନ ସ୍ୱାସ୍ଥ୍ୟ,ଓରେଡା,ଜିଲ୍ଲା ସମାଜ ମଙ୍ଗଳ, ବନ ବିଭାଗ ଓ ମତ୍ସ୍ୟ ବିଭାଗକୁ ପ୍ରଦାନ କରାଯାଇଥିବା ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ପ୍ରକାଶଥାଉକି, ଜିଲ୍ଲା ଖଣିଜ ପାଣ୍ଠିରେ ବର୍ତ୍ତମାନ ସୁଦ୍ଧା ୧୨୦୫ କୋଟି ଟଙ୍କା ସଂଗ୍ରହ ହୋଇଛି । ବିଭିନ୍ନ କ୍ଷେତ୍ରରେ ୨୯୧୮ଟି ପ୍ରକଳ୍ପ ପାଇଁ ପାଖାପାଖି ୧୧୦୦ କୋଟି ଟଙ୍କା ମଞ୍ଜୁର ହୋଇଛି । ଏହି ଅନୁଦାନକୁ ୨ଟି କ୍ଷେତ୍ରରେ ଯଥା ଉଚ୍ଚ ଅଗ୍ରାଧିକାର ଓ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରରେ ଯଥାକ୍ରମେ ୬୦-୪୦ ଅନୁପାତରେ ମଞ୍ଜୁର କରାଯାଇଛି । ଏହାଛଡା ଜିଲ୍ଲା ଖଣିଜ ପାଣ୍ଠିର ସଠିକ୍ ବିନିଯୋଗ ନିମନ୍ତେ ଜିଲ୍ଲା ସ୍ତରରେ ଏକ ସ୍ୱତନ୍ତ୍ର କମିଟି ଏହାର ତଦାରଖ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବୈଠକରେ ଉଚ୍ଚ ଅଗ୍ରାଧିକାର କ୍ଷେତ୍ରରେ ପାନୀୟ ଜଳ,ସ୍ୱାସ୍ଥ୍ୟ,ଶିକ୍ଷା,ପରିବେଶ ସୁରକ୍ଷା,ମହିଳା ଓ ଶିଶୁ କଲ୍ୟାଣ, ବୟସ୍କ ଓ ଭିନ୍ନକ୍ଷମମାନଙ୍କ କଲ୍ୟାଣ,ଦକ୍ଷତା ବିକାଶ,ପରିମଳ ଓ ଗୃହ ନିର୍ମାଣ ଉପରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପକୁ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅମରେନ୍ଦ୍ର ମହାନ୍ତି ଓ ଜିଲ୍ଲା ଜଳ ଓ ପରିମଳ ମିଶନର ନିର୍ବାହୀ ଯନ୍ତ୍ରୀ ଶ୍ରୀ ବିକାଶ ଦାଙ୍ଗ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।


DISTRICT RURAL DEVELOPMENT AGENCY
ANGUL


DISTRICT RURAL DEVELOPMENT AGENCY
ANGUL